# ସତ୍ୟବାଣୀ
# VOICE OF TRUTH

**VOL - XXIX KAKINADA MAR-APR-2023**


## ଯୀଶୁଖ୍ରୀଷ୍ଟଙ୍କ ପାଦଚିହ୍ନ
### (Footstep of Jesus Christ)

ପ୍ରେରିତ ପିତର ଲେଖନ୍ତି, ''ଏଥିନିମନ୍ତେ ହିଁ ତୁମ୍ଭେମାନେ ଆହୂତ ହୋଇଅଛ, କାରଣ ତୁମ୍ଭେମାନେ ଯେପରି ଖ୍ରୀଷ୍ଟଙ୍କର ପାଦଚିହ୍ନ ଦେଇ ଗମନ କର, ସେଥିପାଇଁ ମଧ୍ୟ ତୁମ୍ଭମାନଙ୍କ ନିମନ୍ତେ ଦୁଃଖ ଭୋଗ କରି ତୁମ୍ଭମାନଙ୍କୁ ଗୋଟିଏ ଆଦର୍ଶ ଦେଖାଇଲେ ।'' (୧ମ ପିତର ୨:୨୧) । ଯୀଶୁଖ୍ରୀଷ୍ଟ, ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ପାଦଚିହ୍ନ ଦେଖାଇ ଦେଇ ଯାଇଅଛନ୍ତି । ଆମ୍ଭେମାନେ ତାହାଙ୍କ ପାଦଚିହ୍ନ ଅନୁସରଣ କରି ପରମେଶ୍ୱରଙ୍କ ନିକଟବର୍ତ୍ତୀ ହେଉ । ତାହାଙ୍କ ପାଦଚିହ୍ନରୁ ଆମ୍ଭେମାନେ କେଉଁଠି ପାଇପାରୁ ? ଇଶ୍ରାଏଲ ଦେଶ, କିଅବା ଯିରୁଶାଲମ, କିଅବା ଗାଲିଲୀ ପ୍ରଦେଶକୁ ଯିବା ଆବଶ୍ୟକ ନାହିଁ । ଆପଣ କି ତାହାଙ୍କ କେବଳ ଜାଣିବାକୁ ଇଚ୍ଛା କରନ୍ତି କିଅବା ଅନୁସରଣ କରିବା ନିମନ୍ତେ ଇଚ୍ଛା କରନ୍ତି । ତାହାଙ୍କ ପାଦଚିହ୍ନ ଆମ୍ଭେମାନେ ପବିତ୍ର ଶାସ୍ତ୍ରରେ ପଢ଼ିପାରୁ ।

ଯୀଶୁଖ୍ରୀଷ୍ଟ ତିରିଶି ବର୍ଷ ବୟସରେ ଆପଣା ପରିଚର୍ଯ୍ୟା ଆରମ୍ଭ କରିଥିଲେ । ତିରିଶି ବର୍ଷ ପର୍ଯ୍ୟନ୍ତ ଆପଣା ପିତାମାତାଙ୍କ ବଶୀଭୂତ ହୋଇ, ନାଜରିତ ନାମକ ଗ୍ରାମରେ ବାସ କରିଥିଲେ । ସର୍ବପ୍ରଥମେ ସେ ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ପାଇଁ ଯିହୂଦା ପ୍ରଦେଶର ପ୍ରାନ୍ତରର ଯର୍ଦ୍ଦନ ନଦୀ ନିକଟକୁ ଗମନ କରିଥିଲେ । ନାଜରିତରୁ ଯର୍ଦ୍ଦନ ନଦୀ ପ୍ରାୟ ସତୁରୀ ମାଇଲ ଦୂରରେ ଥିଲା । ସେ ସମୟରେ କୌଣସି ପ୍ରକାର ବାହନ ନ ଥିବାରୁ ସେ ସେତେଦୂର ପାଦରେ ଗମନ କରିଥିଲେ । କାରଣ ମନୁଷ୍ୟମାନଙ୍କ ନିମନ୍ତେ ବାପ୍ତିସ୍ମର ପ୍ରାଧାନ୍ୟତା ଶିକ୍ଷା ଦେବା ନିମନ୍ତେ ।



''ସେହି ସମୟରେ ଯୀଶୁ ଗାଲିଲୀରୁ ଆସି ଯର୍ଦ୍ଦନରେ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେଲେ ।'' (ମାର୍କ ୧:୯) ''ସେତେବେଳେ ଯୀଶୁ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ନିମନ୍ତେ ଗାଲିଲୀରୁ ଯର୍ଦ୍ଦନକୁ ଆସିଲେ । କିନ୍ତୁ ଯୋହନ ତାହାଙ୍କୁ ନିବାରଣ କରିବାକୁ ଚେଷ୍ଟା କରି କହିଲେ, ''ଆପଣଙ୍କ ଦ୍ୱାରା ବାପ୍ତିଜିତ ହେବା ମୋହର ପ୍ରୟୋଜନ, ଆଉ ଆପଣ, ମୋ ନିକଟକୁ ଆସୁଅଛନ୍ତି । ମାତ୍ର ଯୀଶୁ ତାଙ୍କୁ ଉତ୍ତର ଦେଲେ, ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କ ଉପଯୁକ୍ତ । ସେଥିରେ ସେ ତାହାଙ୍କ କଥାରେ ସମ୍ମତ ହେଲେ ।'' (ମାଥିଉ ୩:୧୩-୧୪) । ଯୀଶୁଖ୍ରୀଷ୍ଟ ପବିତ୍ର ଓ ନିଷ୍ପାପୀ । ପାପକ୍ଷମା ନିମନ୍ତେ ତାହାଙ୍କ ବାପ୍ତିଜିତ ହେବା ତାହାଙ୍କର ଆବଶ୍ୟକ ନାହିଁ । ତାହାଙ୍କ ପଦଚିହ୍ନରେ ଗମନ କରିବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ପ୍ରଥମେ ଜଳ ନିକଟକୁ ଯିବା ଆବଶ୍ୟକ । ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ଉପସ୍ଥିତ ଜନତାକୁ ପ୍ରେରିତ ପାଉଲ ପ୍ରଥମ ସୁସମାଚାର ପ୍ରସଙ୍ଗ ପ୍ରଚାର କରି କହିଲେ, ''ଆପଣମାନେ ମନ ପରିବର୍ତ୍ତନ କରନ୍ତୁ; ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।'' (ପ୍ରେରିତ ୨:୩୮) । ବାପ୍ତିସ୍ମ ବିନୁ ପାପକ୍ଷମା ନାହିଁ । ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞାନୁଯାୟୀ ପ୍ରତ୍ୟେକ ବାପ୍ତିଜିତ ହେବା ଆବଶ୍ୟକ । (ମାର୍କ ୧୬:୧୬) । ବାପ୍ତିସ୍ମ ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନଃରୁତ୍ଥାନରେ ସହଭାଗୀ ହୋଇଥାଉଁ । ''ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ । ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍‌ଥାପିତ ହେଲେ । ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚାରଣ କରୁ ।'' (ରୋମୀୟ ୬:୪) ଆଜିର ଅନେକ ବର୍ଗର ଲୋକେ ବାପ୍ତିସ୍ମକୁ ସେତେ ପ୍ରାଧାନ୍ୟତା ଦିଅନ୍ତି ନାହିଁ । ଖ୍ରୀଷ୍ଟିୟ ଜୀବନରେ 'ବାପ୍ତିସ୍ମ'ର ପ୍ରାଧାନ୍ୟତା ନଥିଲେ, ଯୀଶୁଖ୍ରୀଷ୍ଟ ୭୦ ମାଇଲ ଚାଲି ଯର୍ଦ୍ଦନ ନଦୀରେ ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହୋଇ ନ ଥାନ୍ତେ । କିଅବା ଫିଲୀପୀୟ କାରା ରକ୍ଷକ ପାଉଲଙ୍କ ପ୍ରଚାରରେ ମନ ପରିବର୍ତ୍ତନ କରି ଅର୍ଦ୍ଧରାତ୍ରିରେ ସପରିବାର ବାପ୍ତିଜିତ ହୋଇ ନଥିଲେ । ସେ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ମଧ୍ୟ ଅପେକ୍ଷା କରି ନଥିଲେ ।

ଲୁକ ୪:୧୬ ପଦରେ ଲେଖାଯାଏ,''ସେ ଯେଉଁ ନାଜରିତରେ ପ୍ରତିପାଳିତ ହୋଇଥିଲେ, ସେହି ସ୍ଥାନକୁ ଇତି ମଧ୍ୟରେ ଗଲେ ଓ ଆପରଣ ରୀତି ଅନୁସାରେ ବିଶ୍ରାମବାରରେ ସମାଜଗୃହରେ ପ୍ରବେଶ କଲେ... ।'' ଯୀଶୁଖ୍ରୀଷ୍ଟ ଯେଉଁ ସ୍ଥାନରେ ଥିଲେ ବି ବିଶ୍ରାମବାରରେ ଅର୍ଥାତ୍ ସପ୍ତାହର ସପ୍ତମ ଦିବସରେ ସମାଜ ଗୃହକୁ ଯାଇ ପରମେଶ୍ୱରଙ୍କ ଉପାସନାରେ ଯୋଗ ଦେଉଥିଲେ । ଇସ୍ରାଏଲୀୟମାନେ ସତୁରୀ ବର୍ଷ ବାବିଲନର ଦାସତ୍ୱରେ ଥିବା ସମୟରେ ସମାଜଗୃହରେ ଉପାସନା ଆରମ୍ଭ ହୋଇଥିଲା, କାରଣ ଯେଉଁ ସମୟରେ ଯିରୁଶାଲମକୁ ଯିବା ଅସମ୍ଭବ ଥିଲା, ଯୀଶୁଖ୍ରୀଷ୍ଟଙ୍କୁ ଅବଲମ୍ବନକାରୀମାନେ ମଧ୍ୟ ସପ୍ତାହରେ ପ୍ରଥମ ଦିବସରେ ପରମେଶ୍ୱରଙ୍କ ଉପାସନା ନିମନ୍ତେ ମଣ୍ଡଳୀରେ ଉପସ୍ଥିତ ରହୁ । ପରମେଶ୍ୱରଙ୍କ ରିତି ଆମ୍ଭର ରୀତି ହେଉ ।

କେତେକ ଖ୍ରୀଷ୍ଟିୟାନମାନେ ଈଶ୍ୱର ସର୍ବବ୍ୟାପୀ । ସେ ଗୃହରେ ମଧ୍ୟ ବିଦ୍ୟମାନ । ତାହାଙ୍କୁ ଗୃହରେ ରହି ଉପାସନା କଲେ, ଯଥେଷ୍ଟ ବୋଲି ତର୍କ କରନ୍ତି । କିନ୍ତୁ ବାକ୍ୟରେ ପ୍ରଥମ ଶତାବ୍ଦୀର ମଣ୍ଡଳୀ ବିଷୟରେ ଲେଖାଯାଏ,''ସେମାନେ ପ୍ରେରିତମାନଙ୍କ ଶିକ୍ଷାରେ, ସହଭାଗିତାରେ, ରୋଟି ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ ।'' (ପ୍ରେରିତ ୨:୪୨) । ପ୍ରେରିତ ପାଉଲ ଓ ତାହାଙ୍କ ଆଠଜଣ ଶିଷ୍ୟ ସପ୍ତାହର ପ୍ରଥମ ଦିବସରେ ଉପାସନାରେ ଯୋଗଦେବା ନିମନ୍ତେ ସାତଦିନ ରହିଯାଇଥିଲେ । ସେ ଯାତ୍ରା କରିବା ପ୍ରାଧାନ୍ୟତା ନ ଦେଇ ଉପାସନାକୁ ପ୍ରାଧାନ୍ୟତା ଦେଇଥିଲେ । (ପ୍ରେରିତ ୨:୬) । ଏହା ଆମ୍ଭମାନଙ୍କ ରୀତି ହେଉ ।

ଯୀଶୁଖ୍ରୀଷ୍ଟଙ୍କ ପଦଚିହ୍ନ ଆମ୍ଭମାନଙ୍କୁ ପରୀକ୍ଷାରେ ବିଜୟୀ ହେବା ଶିଖାଏ । ଯୀଶୁଖ୍ରୀଷ୍ଟ ବାପ୍ତିଜିତ ହେବା ପରେ, ଶୟତାନ ଦ୍ୱାରା ପରୀକ୍ଷିତ ହେବା ନିମନ୍ତେ ଆତ୍ମାଙ୍କ ଦ୍ୱାରା ଆରୋଗ୍ୟକୁ କଢ଼ାଇ ନିଆଯାଉଥିଲା । ଶୟତାନ ତାଙ୍କୁ ତିନିଟି ପ୍ରଶ୍ନ କରି ତିନ ପ୍ରକାରେ ପରୀକ୍ଷା କରିଥିଲା । ସେ ଆପଣାକୁ 'ଈଶ୍ୱରଙ୍କ ପୁତ୍ର' ରୂପେ ପ୍ରମାଣିତ କରିବା ନିମନ୍ତେ ଶୟତାନର ଆଜ୍ଞା ପାଳନ କରିବା ଆବଶ୍ୟକ ନ ଥିଲା । ତାହାଙ୍କ ପରିଚର୍ଯ୍ୟାରେ ଅନେକ ଅଦ୍ଭୁତ କର୍ମ, ପିଡୀତ ଲୋକମାନଙ୍କୁ ସୁସ୍ଥ କରି, ମୃତ୍ୟୁରୁ ବିଜୟୀ ହୋଇ ପ୍ରମାଣିତ କରିଥିଲେ । (ମାଥିଉ ୪:୧-୧ ଓ ଯୋହନ ୨୦:୩୦) ଯୀଶୁ ଶୟତାନର ସମସ୍ତ ପରୀକ୍ଷା ଈଶ୍ୱରଙ୍କ ବାକ୍ୟ ବ୍ୟବହାର କରି ବିଜୟୀ ହୋଇଥିଲେ । ରାଜା ଦାଉଦ ଲେଖନ୍ତି, ''ମୁଁ ଯେପରି ତୁମ୍ଭ ବିରୁଦ୍ଧରେ ପାପ ନ କରେ, ଏଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି'' (ଗୀତ ୧୧୯:୧୦୨) ''ଅତଏବ, ସ୍ୱର୍ଗ ସମୂହ ମଧ୍ୟ ଦେଇ ଗମନ କରିଅଛନ୍ତି ଯେ ଈଶ୍ୱରଙ୍କ ପୁତ୍ର ଯୀଶୁ, ସେ ଆମ୍ଭମାନଙ୍କର ପ୍ରଧାନ ମହାଯାଜକ ହେବାରୁ ଆସ କାରଣ ଯେ ଆମ୍ଭମାନଙ୍କ ଦୁର୍ବଳତାରେ ଆମ୍ଭମାନଙ୍କର ଏହି ମହାଯାଜକ ନାହାନ୍ତି ବରଂ ସେ ପାପରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋଭାବେ ପରୀକ୍ଷିତ ହେଲେ ।'' (ଏବ୍ରୀ ୪:୧୫,୧୬,୨:୧୭,୧୮) । ଆମ୍ଭେମାନେ ପରୀକ୍ଷିତ ହେବା ସମୟରେ ତାହାଙ୍କ ସଦୃଶ୍ୟ ବାକ୍ୟ ଦ୍ୱାରା ବିଜୟୀ ହେଉଞ୍ଚ ।

ଯୀଶୁଖ୍ରୀଷ୍ଟଙ୍କ ପଦଚିହ୍ନ ଆମ୍ଭମାନଙ୍କୁ କ୍ରୁଶ ନିକଟକୁ ଘେନିଯାଏ । ''ଯୀଶୁ କହିଲେ, ଯେକେହି ଆପଣା କ୍ରୁଶ ବହନ କରି ମୋହର ଅନୁଗମନ ନ କରେ, ସେ ମୋହର ଶିଷ୍ୟ ହୋଇ ପାରେ ନାହିଁ ।'' (ଲୁକ ୧୪:୨୬) ତାହାଙ୍କ ପଦଚିହ୍ନ ଆମ୍ଭମାନଙ୍କୁ ସ୍ୱର୍ଗକୁ କଢ଼ାଇ ନେବ ।

**- K. Elisha**

❋❋❋

## ଗନ୍ତବ୍ୟପଥରେ ସଫଳତାର ସୂତ୍ର

### (Guidelines for finishing our Spiritual Race)

ଏବ୍ରୀ ପୁସ୍ତକ କର୍ତ୍ତା ଓ ପ୍ରେରିତ ପାଉଲ ମଧ୍ୟ ଖ୍ରୀଷ୍ଟିୟ ଜୀବନଯାତ୍ରାକୁ ଏକ ଦୌଡ଼ ସହ ତୁଳନା କରନ୍ତି । ''ଅତଏବ, ଏଡ଼େ ବୃହତ ମେଘ ତୁଲ୍ୟ ସାକ୍ଷୀମାନଙ୍କ ଦ୍ୱାରା ବେଷ୍ଟନକାରୀ ପାପ ପରିତ୍ୟାଗ କରି ନିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହ କ୍ରୁଶୀୟ ମୃତ୍ୟୁ ଭୋଗ କଲେ, ପୁଣି ଈଶ୍ୱରଙ୍କ ସିଂହାସନର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇଅଛନ୍ତି ।'' (ଏବ୍ରୀ ୧୨:୧-୨) । ପୁସ୍ତକକର୍ତ୍ତା, ହେବଲଙ୍କ ସମୟ ଠାରୁ, ଏବ୍ରୀ ପତ୍ରିକା ଲେଖିବା ସମୟ ପର୍ଯ୍ୟନ୍ତ ତାହା କରନ୍ତି, ମାତ୍ର

ଆମ୍ଭେମାନେ ଅକ୍ଷୟ ମୁକୁଟ ପାଇବା ନିମନ୍ତେ ତାହା କରୁ । ସମୟାବଧି ପର୍ଯ୍ୟନ୍ତ କେତେକ ବିଶ୍ୱାସର ଯୋଦ୍ଧାମାନଙ୍କ ବିଷୟରେ ବର୍ଣ୍ଣନା କରନ୍ତି । ୪୦୦୦ ବର୍ଷର ଇତିହାସ ୪୦ ପଦରେ ବର୍ଣ୍ଣନା କରନ୍ତି ।

କରିନ୍ଥୀ ମଣ୍ଡଳୀକୁ ପ୍ରେରିତ ପାଉଲ ଲେଖନ୍ତି,''ସେମାନେ ସମସ୍ତେ ଦୌଡ଼ନ୍ତି ସତ, କିନ୍ତୁ କେବଳ ଜଣେ ପଣ ପାଏ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ତୁମ୍ଭେମାନେ ଯେପରି ପଣ ପାଇବ, ଏଥିପାଇଁ ସେହିପରି ଦୌଡ଼ । ଯେକେହି କ୍ରୀଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରେ, ସେ ସମସ୍ତ ବିଷୟରେ ପରିମିତଭୋଗୀ ହୁଏ । ସେମାନେ କ୍ଷୟଣୀୟ ମୁକୁଟ ପାଇବା ନିମନ୍ତେ ତାହା କରୁ । ଅତଏବ ମୁଁ ଦୌଡୁଅଛି, କିନ୍ତୁ ବିନା ଲକ୍ଷ୍ୟରେ ନୁହେଁ, ମୁଁ ମୁଷ୍ଟିଯୁଦ୍ଧ କରୁଅଛି, କିନ୍ତୁ ଶୁନ୍ୟକୁ ଆଘାତ କରିବା ଲୋକ ପରି ନୁହେଁ । ଅନ୍ୟ ଲୋକମାନଙ୍କ ନିକଟରେ ପ୍ରଚାର କରି କୋଳେ ମୁଁ ନିଜେ କୌଣସି ପ୍ରକାରେ ଅଗ୍ରାହ୍ୟ ହୁଏ, ସେଥିପାଇଁ ମୋହର ନିଜ ଶରୀରକୁ କଷ୍ଟ ଦେଇ ବଶରେ ଦାସ କରି ରଖୁଛନ୍ତି ।'' (୧ମ କରିନ୍ଥୀ ୯:୨୪-୨୭)

୨ ତୀମଥି ୨:୫ ପଦରେ ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି,''ଆହୁରି ମଧ୍ୟ ଯଦି ଜଣେ ଲୋକ କ୍ରୀଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରେ, ସେ ନିୟମାନୁସାରେ ତାହା ନକଲେ ଆମ୍ଭମାନଙ୍କ ଗନ୍ତବ୍ୟ ପଥରେ ଧାବମାନ ହେବାର ନିୟମ ଆମ୍ଭେମାନେ ନୂତନ ନିୟମରେ ପଢ଼ିପାରୁ । ଯୀଶୁ ଓ ତାହାଙ୍କ ଦତ୍ତ ଆଜ୍ଞା କିଅବା ନିୟମ ସକଳ ନୂତନ ନିୟମରେ ପଢ଼ିଥାଉଁ । ଆମ୍ଭମାନଙ୍କୁ ଦତ୍ତ ନୂତନ ନିୟମକୁ ଯାକୁବ, ''ସ୍ୱାଧୀନତାର ବ୍ୟବସ୍ଥା'' (୧:୨୫) ଏବଂ ପ୍ରେରିତ ପାଉଲ 'ସିଦ୍ଧ' ବିଷୟ (୧ମ କରିନ୍ଥୀ ୧୩:୧୦) ଓ 'ସତ୍ୟ' (ଗାଲାତୀ ୫:୭) ରୂପେ ବର୍ଣ୍ଣନା କରନ୍ତି । ଆମ୍ଭେମାନେ ମାର୍କ ୧୬:୧୬ ପଦରେ ଲିଖିତ ଯୀଶୁଙ୍କ ଆଜ୍ଞା ପାଳନ କରି ଏହି ଆତ୍ମୀୟ ଦୌଡ଼ ଆରମ୍ଭ କରିଥାଉ । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କ ଜୀବନ ଆମ୍ଭମାନଙ୍କ ନିମନ୍ତେ ଆଦର୍ଶ ଅଟେ । ସେମାନେ ବାପ୍ତିଜିତ ହୋଇ ମଣ୍ଡଳୀରେ ସଂଯୁକ୍ତ କରାଗଲେ । ସେମାନଙ୍କ ବିଷୟରେ ଲେଖାଯାଏ, ''ସେମାନେ ପ୍ରେରିତମାନଙ୍କ ଶିକ୍ଷାରେ, ସହଭାଗିତାରେ, ରୋଟି ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ହୋଇ ରହିଲେ।''



(ପ୍ରେରିତ ୨:୪୨)

ଦୌଡ଼ରେ ପ୍ରତିଦ୍ୱନ୍ଦ୍ୱୀ ଶାରୀରିକ ବଳ ନିମନ୍ତେ ଉତ୍ତମ ଖାଦ୍ୟ ଆବଶ୍ୟକ କରେ । ଆମ୍ଭମାନଙ୍କୁ ନବଜାତ ଶିଶୁ ତୁଲ୍ୟ ପାରମାର୍ଥିକ ଅମିଶ୍ରିତ ଦୁଗ୍ଧ (ଈଶ୍ୱରଙ୍କ ବାକ୍ୟ) ପାନ କରୁ । (୧ମ ପିତର ୨:୧-୨) । ଯୀଶୁ କହିଲେ, ''...ମୁଁ ସେହି ଜୀବନଦାୟକ ଆହାର, ଯେ ମୋ ନିକଟକୁ ଆସେ, ସେ କଦାପି କ୍ଷୁଧିତ ହେବ ନାହିଁ, ଆଉ ଯେ ଠାରେ ବିଶ୍ୱାସ କରେ, ସେ କଦାପି ତୃଷିତ ହେବ ନାହିଁ ।'' (ଯୋହନ ୬:୩୫,୪୮) । ଯୀଶୁଖ୍ରୀଷ୍ଟ ଶୟତାନ ଦ୍ୱାରା ପରୀକ୍ଷିତ ହେବା ସମୟରେ ଶୟତାନଙ୍କୁ କହିଲେ,''...ମନୁଷ୍ୟ କେବଳ ରୋଟିରେ ବଞ୍ଚିବ ନାହିଁ ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ ।'' (ମାଥିଉ ୪:୪)

ଏକ ପ୍ରତିଦ୍ୱନ୍ଦ୍ୱୀ ଆପଣା ଶରୀରକୁ ସୁସ୍ଥ ସବଳ ରଖିବା ନିମନ୍ତେ ବ୍ୟାୟାମ କରିଥାଏ । କାରଣ ଶାରୀରିକ ବ୍ୟାୟାମ ଅଳ୍ପ ବିଷୟରେ ଲାଭଜନକ, କିନ୍ତୁ ଈଶ୍ୱରପରାୟଣତା ଜୀବନଯାପନ କରିବା ନିମନ୍ତେ ଅଭ୍ୟାସ କର । କାରଣ ଶାରୀରିବ ବ୍ୟାୟାମ ଅଳ୍ପ ବିଷୟରେ ଲାଭଜନକ, କିନ୍ତୁ ଈଶ୍ୱରପରାୟଣତା ଇହକାଳ ଓ ପରକାଳରେ ପ୍ରତିଜ୍ଞାଯୁକ୍ତ ହୋଇ ସମସ୍ତ ବିଷୟରେ ଲାଭଜନକ ଅଟେ ।'' (୧ମତୀମଥି ୪:୮) । ଏକ ଖ୍ରୀଷ୍ଟିୟାନ 'ପ୍ରତ୍ୟେକ ଭାର ଓ ସହଜରେ ବେଷ୍ଟନକାରୀ ପାପ' ପରିତ୍ୟାଗ ନ କରି ଖ୍ରୀଷ୍ଟିୟ ଦୌଡ଼ରେ ଧାବମାନ ହୋଇ ନ ପରେ । (ଏବ୍ରୀ ୧୨:୧)। ପ୍ରେରିତ ପାଉଲ ଏଫିସୀ ୪:୨୫-୫:୭, କଲସୀ ୩:୫-୧୦, ଯାକୁବ ୪:୧୧ ଓ ୧ମ ଯୋହନ ୧:୭ ପଦଗୁଡ଼ିକରେ ଆମ୍ଭମାନଙ୍କୁ ସହଜ ବେଷ୍ଟନକାରୀ ପାପଗୁଡ଼ିକ ବିଷୟରେ ଉଲ୍ଲେଖ କରନ୍ତି ।

ଆମ୍ଭମାନଙ୍କ ଗନ୍ତବ୍ୟପଥରେ ଯୀଶୁଙ୍କ ସଦୃଶ୍ୟ ଧୈର୍ଯ୍ୟ ସହକାରେ ଧାବମାନ ହେଉ । ''...ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହକାରେ ଧାବମାନ ହେଉ । ସେ ଆପଣା ସମ୍ମୁଖରେ ଆନନ୍ଦ ନିମନ୍ତେ ଆପଣମାନଙ୍କୁ ତୁଚ୍ଛଜ୍ଞାନ କରି ଧୈର୍ଯ୍ୟ ସହକାରେ କ୍ରୁଶୀୟ ମୃତ୍ୟୁଭୋଗ କଲେ, ପୁଣି ଈଶ୍ୱରଙ୍କ ସିଂହାସନର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇଅଛନ୍ତି ।'' (ଏବ୍ରୀ ୧୨:୭-୩, ଯାକୁବ ୫:୭,

ଫିଲିପ ୩:୨୦, ୨ ତୀମଥି ୩:୮)

ଯୀଶୁ କହିଲେ,''...ଯେ ଲଙ୍ଗଳରେ ହାତ ଦେଇ ପଛକୁ ଚାହେଁ, ସେ ଈଶ୍ୱରଙ୍କ ରାଜ୍ୟର ଯୋଗ୍ୟ ନୁହେଁ।'' (ଲୂକ ୯:୬୨)। ପ୍ରେରିତ ପାଉଲ ଫିଲିପ ମଣ୍ଡଳୀକୁ ଲେଖନ୍ତି,''ପଶ୍ଚାତ୍ ବିଷୟ ସବୁ ମନରୁ ଦୂର କରି ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖି ଖ୍ରୀଷ୍ଟଙ୍କ ଠାରେ ଈଶ୍ୱରଙ୍କ ସ୍ୱର୍ଗୀୟ ଆହ୍ୱାନର ପଣ ପାଇବା ନିମନ୍ତେ ପ୍ରାଣପଣ କରି ଲକ୍ଷ୍ୟସ୍ଥଳକୁ ଦୌଡ଼ୁଛୁ।'' (ଫିଲିପ ୩:୧୪)। ତାହାଙ୍କ ଜୀବନର ଶେଷବସ୍ଥାରେ ସେ ତୀମଥିକୁ ଲେଖନ୍ତି,''ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି। ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି, ମୁଁ ବିଶ୍ୱାସ ରକ୍ଷା କରିଅଛି, ଅଦ୍ୟାବଧି ମୋ ନିମନ୍ତେ ଧାର୍ମିକତାର ମୁକୁଟ ରଖାଯାଇଅଛି, ତାହା ସେହି ମହାଦିନରେ ନ୍ୟାୟବାନ ବିଚାରକର୍ତ୍ତା, ପ୍ରଭୁ ମୋତେ ଦେବେ, ପୁଣି କେବଳ ମୋତେ ନୁହେଁ, ମାତ୍ର ଯେତେ ଲୋକ ତାହାଙ୍କ ଆଗମନକୁ ପ୍ରିୟଜ୍ଞାନ କରନ୍ତି, ଯେ ସମସ୍ତଙ୍କୁ ଦେବେ।'' (୨ ତୀମଥି ୪:୭)

ଆସ, ଆମ୍ଭେମାନେ ସମସ୍ତ ଭାର ଓ ସହଜରେ ବେଷ୍ଟନକାରୀ ପାପ ପରିତ୍ୟାଗ କରି ଧାର୍ମିକତାର ମୁକୁଟ ନିମନ୍ତେ ଗନ୍ତବ୍ୟ ପଥରେ ଧାବମାନ ହେଉ।

**- Kabita Gootam**

❋❋❋

## ପାଉଲ
### (Paul)

ପ୍ରେରିତ ଷଷ୍ଠ ଅଧ୍ୟାୟରେ ମଣ୍ଡଳୀର ସେବକ ରୂପେ ମନୋନୀତ ସ୍ତିଫାନଙ୍କ ପ୍ରସ୍ତରାଘାତରେ ମରଣ ବିଷୟ ଆମ୍ଭେମାନେ ପଢ଼ିପାରୁ। ୫୮ତମ ପଦରେ ଲେଖାଯାଏ, ''ପୁଣି, ସେମାନେ ତାଙ୍କୁ ନଗରରୁ ବାହାର କରିଦେଇ ପଥର ଫୋପାଡ଼ି ମାରିବାକୁ ଲାଗିଲେ, ଆଉ, ସାକ୍ଷୀମାନେ ଶାଉଲ ନାମକ ଜଣେ ଯୁବକଙ୍କ ପାଦ ପାଖରେ ଆପଣା ଆପଣା ବସ୍ତ୍ର ରଖିଲେ।''...ଶାଉଲ ତାଙ୍କ ପ୍ରାଣନାଶରେ ସମ୍ମତ ଥିଲେ।''



(ପ୍ରେରିତ ୭:୫୮ ଓ ୮:୧)। ତତ୍ପରେ ସେ ଖ୍ରୀଷ୍ଟିୟାନମାନଙ୍କୁ ଘୋର ଭାବେ ତାଡ଼ନା କରିବା ଆରମ୍ଭ କଲେ। ''କିନ୍ତୁ ଶାଉଲ ଏ ପର୍ଯ୍ୟନ୍ତ ସୁଦ୍ଧା ପ୍ରଭୁଙ୍କ ଶିଷ୍ୟମାନଙ୍କୁ ବିରୁଦ୍ଧରେ ଭୟ ଓ ପ୍ରାଣନାଶର କଥା କହି ମହାଯାଜକଙ୍କ ନିକଟକୁ ଗଲେ, ପୁଣି ଏହି ମାର୍ଗର ଯେକୌଣସି ପୁରୁଷଙ୍କ ସ୍ତ୍ରୀର ଦେଖା ପାଆନ୍ତି, ସେମାନଙ୍କୁ ଯେପରି ବାନ୍ଧି ଯିରୁଶାଲମକୁ ଆଣିପାରନ୍ତି, ଏଥି ସକାଶେ ଦମ୍ମେସକର ସମସ୍ତ ସମାଜଗୃହ ନିକଟକୁ ତାଙ୍କ ଠାରୁ ପତ୍ର ମାଗିଲେ।'' (ପ୍ରେରିତ ୯:୧)

ଶାଉଲ, ଦମ୍ମେସକକୁ ଯାତ୍ରା କରୁଥିବା ରାସ୍ତାରେ ପ୍ରଭୁ ଯୀଶୁ ତାହାଙ୍କୁ ଦର୍ଶନ ଦେଇ କହିଲେ, ''...ହେ ଶାଉଲ, ହେ ଶାଉଲ, କାହିଁକି ଆମ୍ଭମାନଙ୍କୁ ତାଡ଼ନା କରୁଅଛ ? ସେ କହିଲେ, ହେ ପ୍ରଭୁ, ଆପଣ କିଏ ? ଆଉ ସେ କହିଲେ ଯାହାଙ୍କୁ ତୁମ୍ଭେ ତାଡ଼ନା କରୁଅଛ, ଆମ୍ଭେ ସେହି ଯୀଶୁ। କିନ୍ତୁ ଉଠ, ନଗରରେ ପ୍ରବେଶ କର, ଆଉ ତୁମ୍ଭକୁ କଅଣ କରିବାକୁ ହେବ, ତାହା କୁହାଯିବ।'' (ପ୍ରେରିତ ୯:୪-୫)। ସେ ବାପ୍ତିଜିତ ହେବା ତତ୍‌କ୍ଷଣାତ୍ ସମାଜଗୃହ ମାନଙ୍କରେ ଯାଇ, କ୍ରୁଶରେ ହତ ଯୀଶୁ ଯେ ଖ୍ରୀଷ୍ଟ ଅଟନ୍ତି ପ୍ରଚାର କରିବାକୁ ଆରମ୍ଭ କଲେ। ସେ ଭୂମଧ୍ୟ ସାଗର ତଟସ୍ଥ (Mediterian Sea) ଦେଶମାନଙ୍କରେ ଭ୍ରମଣ କରି କ୍ରୁଶରେ ହତ ଯୀଶୁଖ୍ରୀଷ୍ଟଙ୍କ ପ୍ରଚାର କରିଥିଲେ। ତାହାଙ୍କ ପରିଚର୍ଯ୍ୟାରେ ସେ ଅନେକ କଠିନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେ ଖ୍ରୀଷ୍ଟଧର୍ମର ପରମ ଶତ୍ରୁ ଠାରୁ ଖ୍ରୀଷ୍ଟଧର୍ମର ଏକ ଶ୍ରେଷ୍ଠ ପ୍ରଚାରକ ଓ ପ୍ରେରିତ ଅଟନ୍ତି।

ତାର୍ଷ ନଗର ଓ ଯିରୁଶାଲମରେ ତାହାଙ୍କ ପ୍ରଶିକ୍ଷକ ଏବଂ ସେ ଏକ ରୋମୀୟ ଯିହୂଦୀ ହୋଇଥିବାରୁ ଏକସିଦ୍ଧ ଓ ସମ୍ପୂର୍ଣ୍ଣ ସୁସମାଚାର ପ୍ରଚାରକ ହୋଇ ପାରିଥିଲେ। ତାହାଙ୍କ ଲିଖିତ ପତ୍ରଗୁଡ଼ିକ ଏବେ ପର୍ଯ୍ୟନ୍ତ ମନୁଷ୍ୟ ସମାଜକୁ ପ୍ରଭାବିତ କରୁଅଛି।

**- Tom Baxley**

❋❋❋

# ''...ମାତ୍ର ଏହିସବୁ ଯାହାଠାରେ ନାହିଁ...''
## (He who lacks these things)

''ଏହିସବୁ ତୁମ୍ଭମାନଙ୍କ ଠାରେ ବୃଦ୍ଧି ପାଇଲେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବିଷୟକ ଜ୍ଞାନରେ ପୂର୍ଣ୍ଣତା ଲାଭ କରିବା ନିମନ୍ତେ ତୁମ୍ଭମାନଙ୍କୁ ଶୀତଳ ଓ ଫଳଶୂନ୍ୟ ହେବାକୁ ଦେବ ନାହିଁ । ମାତ୍ର ଏହିସବୁ ଯାହାଠାରେ ନାହିଁ, ସେ ଦୂରଦର୍ଶୀ ନ ହୋଇ ଅନ୍ଧ ହୋଇଅଛି, ପୁଣି ପୂର୍ବକୃତ ପାପରୁ ପରିଷ୍କୃତ ହେବା ବିଷୟ ପାସୋରି ଯାଇଅଛି'' (୨ ପିତର ୧:୮-୯) । ଏହି ବାକ୍ୟାଂଶରେ ଦୁଇ ପ୍ରକାର ଖ୍ରୀଷ୍ଟିୟାନମାନଙ୍କ ବିଷୟରେ ଜାଣିପାରୁ । ଯେଉଁମାନେ ଖ୍ରୀଷ୍ଟିୟ ସୁଗୁଣରେ ବୃଦ୍ଧିପାଆନ୍ତି ଓ ଦ୍ୱିତୀୟ ଯେଉଁମାନଙ୍କ ଠାରେ କୌଣସି ଖ୍ରୀଷ୍ଟିୟ ସୁଗୁଣ ନାହିଁ, କାହିଁକି କେତେକ ଉତ୍ତମ ଖ୍ରୀଷ୍ଟିୟାନମାନେ ସୁଗୁଣରେ ବୃଦ୍ଧି ପାଆନ୍ତି ନାହିଁ ?

ସେମାନେ ସେମାନଙ୍କ ପୂର୍ବକୃତ ପାପରୁ ଧୌତ ହୋଇଅଛନ୍ତି ବୋଲି ଭୁଲି ଯାଇଥାନ୍ତି ।

୧) ସେମାନେ ଭୁଲିଯାଇଥିବା ଅନ୍ୟ କେତେକ କାରଣ :-
୨) ପରମେଶ୍ୱର ସେମାନଙ୍କୁ ଅତ୍ୟନ୍ତ ଭାବେ ପ୍ରେମ କରନ୍ତି ।(ଯୋହନ ୩:୧୬)
୩) ସୁସମାଚାର ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ । (ରୋମୀୟ ୧:୧୬)
୪) ଶାସ୍ତ୍ରନୁଯାୟୀ ଖ୍ରୀଷ୍ଟ ସୋମାନଙ୍କ ନିମନ୍ତେ କ୍ରୁଶୀୟ ମୃତ୍ୟୁବରଣ କଲେ । (୧ମ କରିନ୍ଥୀ ୧:୧୬)
୫) ଈଶ୍ୱରଙ୍କ ପୁତ୍ର ସେମାନଙ୍କ ପାପରୁ ମୁକ୍ତି ନିମନ୍ତେ, ଆପଣାକୁ ବଳିଦାନ କରିଅଛନ୍ତି ।
୬) ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ସେମାନେ ପରିତ୍ରାଣ ପାଇଅଛନ୍ତି । (ଏଫିସୀ ୨:୮)
୭) ''...ମାତ୍ର ଆପଣାର ଦୟାନୁସାରେ ପୁନଃଜନ୍ମର ପ୍ରକ୍ଷାଳନ ଓ ପବିତ୍ର ଆତ୍ମାଙ୍କ ନୂତନୀକରଣ ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ କରିଅଛନ୍ତି । (ତିତ ୩:୫)



**ଭୁଲିଯିବାର ଅର୍ଥ, ଆତ୍ମିକ ମରଣ :**

କେତେକ ଖ୍ରୀଷ୍ଟିୟାନମାନେ ଆତ୍ମିକ ଭାବେ ଅନ୍ଧ, ସେମାନଙ୍କ ଦୂରଦୃଷ୍ଟି ନାହିଁ । (୨ ପିତର ୧:୨ମ ପଦଗୁଡ଼ିକରେ ଲିଖିତ ଖ୍ରୀଷ୍ଟିୟ ସୁଗୁଣମାନଙ୍କରେ ବୃଦ୍ଧି ନ ପାଇବା ଲୋକେ ଧିରେ ଧିରେ ପ୍ରଭୁଙ୍କ ଠାରେ ବିମୁଖ ହେଉଅଛନ୍ତି ।

**ଖ୍ରୀଷ୍ଟଙ୍କ ଠାରେ ନିହିତ ଆଶୀଷ ସକଳ :**

୧) ଖ୍ରୀଷ୍ଟଙ୍କ ଠାରେ ହିଁ ସକଳ ଆଶୀଷ ରହିଅଛି (ଏଫିସୀ ୧:୩)
୨) କୁସଂସର୍ଗ ଶିଷ୍ଟାଚାର ନଷ୍ଟ କରେ । (୧ମ କରିନ୍ଥୀ ୧୫:୩୩)
୩) କୁଅଭିଳାଷ କ୍ଷଣସ୍ଥାୟୀ (ଏବ୍ରୀ ୧୧:୨୫)
୪) ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ସ୍ୱର୍ଗରେ ଅନେକ ନିବାସ୍ଥଳ ସଞ୍ଚିତ ହୋଇଅଛି । (ଯୋହନ ୧୪:୧-୩)

ଆତ୍ମିୟ ଅନ୍ଧତ୍ୱରେ, ଲାଉଦିକିଆ ଏକ ମଣ୍ଡଳୀ ସଜଳ ଉଦାହରଣ (ପ୍ର:ବା: ୩:୧୪-୧୭)

ଆମ୍ଭମାନଙ୍କ ପୂର୍ବପାପରୁ ମୁକ୍ତ ହେବା ବିଷୟ ନଭୁଲିବା ପାଇଁ ପରମେଶ୍ୱର ଆମ୍ଭମାନଙ୍କୁ ସାହାଯ୍ୟ କରନ୍ତୁ । ଏହି ଜୀବନ ପରେ ପରଲୋକ ଜୀବନ ଅଛି ସେ ବିଷୟ ଆମ୍ଭେମାନେ ସଦା ମନେ ରଖୁ । ପରମେଶ୍ୱର ଆମ୍ଭମାନଙ୍କ ନିମନ୍ତେ ସ୍ୱର୍ଗୀୟ ବାସସ୍ଥାନ ପ୍ରସ୍ତୁତ କରି ରଖିଅଛନ୍ତି । ପିତର ଲିଖିତ ଖ୍ରୀଷ୍ଟିୟ ସୁଗୁଣଗୁଡ଼ିକର ଅଭିବୃଦ୍ଧି ଦ୍ୱାରା ଆମ୍ଭେମାନେ ସେହି ସ୍ୱର୍ଗୀୟ ବାସସ୍ଥାନରେ ସଦାକାଳ ନିବାସ କରିପାରିବା । ''ହଁ,ଏହି କାରଣରୁ ତୁମ୍ଭେମାନେ ଅତି ଯତ୍ନ ସହକାରେ ବିଶ୍ୱାସ ସହିତ ସତ୍‌ଗୁଣ, ସତ୍‌ଗୁଣ ସହିତ ଜ୍ଞାନ, ଜ୍ଞାନ ସହିତ ସଂଯମ, ସଂଯମ ସହିତ ଧୈର୍ଯ୍ୟ, ଧୈର୍ଯ୍ୟ ସହିତ ଧର୍ମପରାୟଣତା, ଧର୍ମପରାୟଣତା ସହିତ ଭ୍ରାତୃସ୍ନେହ, ଭ୍ରାତୃସ୍ନେହ ସହିତ ପ୍ରେମ ଯୋଗକର । ଏହିସବୁ ତୁମ୍ଭମାନଙ୍କ ଠାରେ ବୃଦ୍ଧି ପାଇଲେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବିଷୟକ ଜ୍ଞାନରେ ପୂର୍ଣ୍ଣତା ଲାଭ କରିବା ନିମନ୍ତେ ତୁମ୍ଭମାନଙ୍କୁ ଶିଥିଳ ଓ ଫଳଶୂନ୍ୟ ହେବାକୁ ଦେବ ନାହିଁ ।'' (୨ୟ ପିତର ୧:୫-୮୧)

**- Therman Hodge**

❋❋❋

# ସଂପୂର୍ଣ୍ଣ ପରମେଶ୍ୱର
## (Fully God)

ଯୀଶୁଖ୍ରୀଷ୍ଟ ସଂପୂର୍ଣ୍ଣ ପରମେଶ୍ୱର ଅଟନ୍ତି । ବାଇବଲରେ ଅନେକ ପଦ ଦ୍ୱାରା ଆମ୍ଭେମାନେ ପ୍ରମାଣିତ କରିପାରୁ । ପ୍ରେରିତ ଯୋହନ ଲେଖନ୍ତି, ''ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ ।'' (ଯୋହନ ୧:୧) । ତତ୍ପରେ ୧୪ମ ପଦରେ ଲେଖନ୍ତି, ''ଆଉ, ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ, ଆଉ ପିତାଙ୍କ ଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ୍ୟ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ ।'' ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, ''...ଆଉ, ଶାରୀରିକ ଭାବେ ସେମାନଙ୍କ ମଧ୍ୟରୁ ଖ୍ରୀଷ୍ଟ ଉତ୍ପନ୍ନ; ସେହି ସୈନ୍ୟାଧିପତି ଈଶ୍ୱର ଯୁଗେ ଯୁଗେ ଧନ୍ୟ, ଆମେନ ।'' (୯:୫) । ସେହି ''...ମହାନ ଈଶ୍ୱର ଓ ତ୍ରାଣକର୍ତ୍ତା ଖ୍ରୀଷ୍ଟଯୀଶୁଙ୍କ ଗୌରବର ପ୍ରକାଶ ଅପେକ୍ଷାରେ ରହୁ,...'' (ତିତସ ୨:୧୩) ପୁନଃର୍ବାର ସେ କଲସୀ ମଣ୍ଡଳୀକୁ ଲେଖନ୍ତି,''...ଖ୍ରୀଷ୍ଟଙ୍କ ଠାରେ ସମ୍ପୂର୍ଣ୍ଣ ଈଶ୍ୱରତ୍ୱ ଦେହବନ୍ତ ହୋଇ ବାସ କରେ ।'' (କଲସୀ ୨:୯)

ଅନେକ ଥର ଯୀଶୁଖ୍ରୀଷ୍ଟ ଆପଣାକୁ ଈଶ୍ୱର ବୋଲି କହିଅଛନ୍ତି । ଅଠତିରିଶି ବର୍ଷର ଏକ ରୋଗୀକୁ ଯୀଶୁ ସୁସ୍ଥ କରିଥିବାରୁ, ଯୀଶୁଙ୍କୁ ଯିହୂଦୀୟ ନେତାମାନେ ନିନ୍ଦା କରିଥିଲେ । ସେ ସେମାନଙ୍କୁ ଉତ୍ତର ଦେଇ କହିଥିଲେ, ''...ମୋହର ପିତା ଏବେ ପର୍ଯ୍ୟନ୍ତ କାର୍ଯ୍ୟ କରୁଅଛନ୍ତି ଆଉ ମୁଁ ମଧ୍ୟ କାର୍ଯ୍ୟ କରୁଅଛି । ଏହି କାରଣରୁ ଯିହୂଦୀମାନେ ତାହାଙ୍କୁ ବଧ କରିବା ନିମନ୍ତେ ଆହୁରି ଅଧିକ ଚେଷ୍ଟା କରିବାକୁ ଲାଗିଲେ, ଯେଣୁ ସେ ଯେ ବିଶ୍ରାମବାର ବିଧି ଲଂଘନ କରୁଥିଲେ, କେବଳ ତାହା ନୁହେଁ, ମାତ୍ର ଈଶ୍ୱରଙ୍କୁ ଆପଣା ପିତା ବୋଲି କହି ନିଜକୁ ଈଶ୍ୱରଙ୍କ ସହିତ ସମାନ କରୁଥିଲେ ।'' (ଯୋହନ ୫:୧୭,୧୮)

ଯୀଶୁଙ୍କ ବିଚାର ସମୟରେ ମହାସଭାରେ ପ୍ରଧାନ ଯାଜକ ତାହାଙ୍କୁ ପଚାରିଥିଲେ, ''...ତୁମ୍ଭେ କି ମଙ୍ଗଳମୟଙ୍କ ପୁତ୍ର ଖ୍ରୀଷ୍ଟ ? ଯୀଶୁ କହିଲେ, ମୁଁ ସେହି;



ପୁଣି, ଆପଣମାନେ ମନୁଷ୍ୟ ପୁତ୍ରଙ୍କୁ ପରାକ୍ରମର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଓ ଆକାଶର ମେଘମାଳାରେ ଆଗମନ କରିବାର ଦେଖିବ ।'' (ମାର୍କ ୧୪:୬୧,୬୨) । ଯୀଶୁ ଏଠାରେ, ''ମୁଁ ସେହି'' ବୋଲି କହନ୍ତି, ଯାହା ଆମ୍ଭେମାନେ ଯାତ୍ରା ୩:୧୪ ପଦରେ ପଢ଼ିପାରୁ । ସେଠାରେ ସଦାପ୍ରଭୁ ମୋଶାଙ୍କୁ କହନ୍ତି,''...ଆମ୍ଭେ ଯେ ଅଛୁ, ସେ ଅଛୁ, ପୁଣି,ସେ କହିଲେ,ତୁମ୍ଭେ ଇସ୍ରାଏଲ ସନ୍ତାନଗଣଙ୍କୁ କହିବ; ସ୍ୱୟମ୍ଭୁ (ଆମ୍ଭେ ଅଛୁ)...''। ଯୀଶୁଙ୍କ କଥାର ଅର୍ଥ ମହାଯାଜକ ବୁଝି ପାରିଥିଲେ, ସେ ଆପଣା ବସ୍ତ୍ର ଚିରି କହିଲେ, ଆପଣମାନେ ତ ଈଶ୍ୱର ନିନ୍ଦା ଶୁଣିଲେ...'' (ମାର୍କ ୧୪:୬୪)

ଯୀଶୁଖ୍ରୀଷ୍ଟ ଆପଣାକୁ ଈଶ୍ୱର ବୋଲି ପରିଚିତ କରିବା ସଙ୍ଗେ ସଙ୍ଗେ ଈଶ୍ୱରଙ୍କ ସଦୃଶ୍ୟ କାର୍ଯ୍ୟ କରୁଥିଲେ । ତାହାଙ୍କ ଐଶ୍ୱରିକ କାର୍ଯ୍ୟ ସକଳ ସୁସମାଚାର ଲିଖିତ ହୋଇଅଛି । ପ୍ରକୃତି, ରୋଗ, ମରଣ, ଦୁଷ୍ଟ ଆତ୍ମାମାନଙ୍କୁ ତଡ଼ି ପ୍ରକଟ କରିଥିଲେ । ଦ୍ୱାରା ଆପଣା ଐଶ୍ୱରିକ ତୁଫାନକୁ ଧମକ ଦେଇ ଶାନ୍ତ କରିଥିଲେ । (ମାଥିଉ ୮:୨୩-୨୭; ମାର୍କ ୬:୪୫-୫୨) । ସେ ଜଳକୁ ଦ୍ରାକ୍ଷାରସରେ ପରିଣତ କରିଥିଲେ । (ଯୋହନ ୨:୧-୧୧) ପାଞ୍ଚ ରୋଟୀ ଓ ଦୁଇ ମାଛ ଦ୍ୱାରା ପାଞ୍ଚ ହଜାର ପୁରୁଷ ଓ ଅସଂଖ୍ୟ ସ୍ତ୍ରୀ ଓ ବାଳକବାଳିକାମାନଙ୍କୁ ଖାଦ୍ୟ ପରିବେଷଣ କରିଥିଲେ । (ମାର୍କ ୬:୩୦-୪୪) ସେ ପାପକ୍ଷମା କରିଥିଲେ ।(ମାର୍କ ୨:୫) କେବଳ ଈଶ୍ୱରଙ୍କ ବିନା କି କେହି ପାପକ୍ଷମା କରିପାରେ ?

ଯେତେବେଳେ ପ୍ରେରିତ ଥୋମା ତାହାଙ୍କ ପାଦ ତଳେ ପଡ଼ି କହିଥିଲେ, ''ମୋହର ପ୍ରଭୁ, ମୋହର ଈଶ୍ୱର'' ସେ ତାହାଙ୍କୁ ଚିହ୍ନିବାରୁ ତାହାଙ୍କୁ ଆଶୀର୍ବାଦ କରିଥିଲେ । ''ଯୀଶୁ ତାଙ୍କୁ କହିଲେ, ତୁମ୍ଭେ ମୋତେ ଦେଖିବାରୁ (ଈଶ୍ୱର ବୋଲି) ବିଶ୍ୱାସ କରିଅଛ ? ଯେଉଁମାନେ ନଦେଖି ବିଶ୍ୱାସ କରିଅଛ ? ଯେଉଁମାନେ ନ ଦେଖି ବିଶ୍ୱାସ କରିଅଛନ୍ତି, ସେମାନେ ଧନ୍ୟ ।''

**- Tom Kelton**

## ଆପଣା ମହାପ୍ରୟାଣ ନିମନ୍ତେ ଆପଣ କି ପ୍ରସ୍ତୁତ ଅଟନ୍ତି ?
**(Are you ready for your departure)**

ଦ୍ୱିତୀୟ ତୀମଥି ୪:୬ ପଦରେ, ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି, ''କାରଣ ଏବେ ହେଁ ମୋର ପ୍ରାଣ ଆହୁତି ପରି ଢ଼ଳାଯାଉଅଛି, ମୋହର ମହାପ୍ରୟାଣର ସମୟ ଉପସ୍ଥିତ । ତାହାଙ୍କ ମହାପ୍ରୟାଣର ସମୟ ଉପସ୍ଥିତ ବୋଲି ପ୍ରେରିତ ପାଉଲ ଆପଣା ପରିସ୍ଥିତିକୁ ବୁଝିପାରିଲେ ଓ ସେହି ନିଗୂଢ଼ ସତ୍ୟକୁ ତୀମଥିଙ୍କୁ ଜଣାଇଅଛନ୍ତି । ଏହି ଜଗତ ପରିତ୍ୟାଗ କରି ମୃତ୍ୟୁ ଭୋଗିବା ନିମନ୍ତେ କେହି ଇଚ୍ଛା କରନ୍ତି ନାହିଁ । କେତେକ ଆପଣାକୁ ବଳବାନ, ସ୍ୱାସ୍ଥ୍ୟବାନ ମନେ କରି ମୃତ୍ୟୁ ବିଷୟରେ ଚିନ୍ତିତ ନୁହନ୍ତି । ଆମ୍ଭମାନଙ୍କ ଶାରୀରିକ ବଳ କିଅବା ଯୁବାବସ୍ଥା ମରଣ ଠାରୁ କିଛି ଦୂରେଇ ନୁହେଁ । ଦୀର୍ଘ ଆୟୁ ମଧ୍ୟ ଅନନ୍ତ ଅସ୍ତିତ୍ୱର ତୁଳନାରେ ନିମିଷ ମାତ୍ର । ଇହ ଜୀବନ ପରେ, ପର ଜୀବନ ନିମନ୍ତେ ଆପଣ କି ପ୍ରସ୍ତୁତ ଅଟନ୍ତି ? ପ୍ରେରିତ ପାଉଲ ପ୍ରସ୍ତୁତ ଥିଲେ । ଆମ୍ଭେମାନେ ମଧ୍ୟ ତାହାଙ୍କ ସଦୃଶ୍ୟ ପ୍ରସ୍ତୁତ ରହୁ ।

ତପ୍ରରେ ପଦରେ ସେ ଲେଖନ୍ତି, ''ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି, ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି, ମୁଁ ବିଶ୍ୱାସ ରକ୍ଷା କରିଅଛି ।'' (୨ ତୀମଥି ୪:୭) । ସେ ଶୟତାନ ସହ ଯୁଦ୍ଧ କରି ବିଜୟୀ ହୋଇଅଛନ୍ତି । ଖ୍ରୀଷ୍ଟିୟାନମାନଙ୍କ ଶୟତାନ ବିରୁଦ୍ଧରେ ଯୁଦ୍ଧପୋକରଣ ସେ ଏଫିସୀ ୪:୧୦-୧୮ ପଦରେ ବର୍ଣ୍ଣନା କରିଅଛନ୍ତି । ଏହି ଯୁଦ୍ଧପୋକରଣ ଧାରଣ କଲେ, ଶୟତାନର ପରାଜୟ ସୁନିଶ୍ଚିତ । ଆମ୍ଭମାନଙ୍କ ମହାପ୍ରୟାଣର ସମୟ ସନ୍ନିକଟରେ ଥିବାରୁ, ଆସ ଆମ୍ଭେମାନେ ଈଶ୍ୱରଦତ୍ତ ସଜ୍ଜା ଧାରଣ କରି ଉତ୍ତମ ଯୁଦ୍ଧରେପ୍ରାଣପଣ କରି ବିଜୟୀ ହେଉ । ପ୍ରେରିତ ପାଉଲ ଶେଷ ପର୍ଯ୍ୟନ୍ତ ନିରୁପିତ ପଥରେ ଦୌଡ଼ି ବିଶ୍ୱାସ ରକ୍ଷା କରିଥିଲେ । ଆମ୍ଭେମାନେ ବିଶ୍ୱାସ ରକ୍ଷା କରି, ନିରୁପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିବୁ ବୋଲି ବିଶ୍ୱାସ କରୁ ।

ପ୍ରେରିତ ପାଉଲ କହିଥିଲେ, ସେ ଶେଷ ପର୍ଯ୍ୟନ୍ତ ବିଶ୍ୱାସ ରକ୍ଷା କରିଥିଲେ। ପରମେଶ୍ୱରଙ୍କ ଆଜ୍ଞାବହ ଜୀବଯାପନ କରିବା ଦ୍ୱାରା ଆମ୍ଭମାନଙ୍କ ବିଶ୍ୱାସ ଦୃଢ଼ ହୁଏ। ବାକ୍ୟଧ୍ୟାନ, ପ୍ରାର୍ଥନା, ଉପାସନା, ସେବା ଓ ଖ୍ରୀଷ୍ଟଙ୍କ ଅନୁସରଣ କରିବା ଦ୍ୱାରା



ଆମ୍ଭେମାନେ ବିଶ୍ୱାସରେ ଅଭିବୃଦ୍ଧି ପାଇ ପାରିବା । ପ୍ରେରିତ ପାଉଲଙ୍କ ସଦୃଶ୍ୟ, ସେ ଆମ୍ଭମାନଙ୍କୁ ମଧ୍ୟ ନିରୁପିତ ପଥର ଶେଷ ପର୍ଯ୍ୟନ୍ତ ରକ୍ଷା କରିବେ । ଆପଣ କି ଆପଣା ମହାପ୍ରୟାଣ ନିମନ୍ତେ ପ୍ରସ୍ତୁତ ଅଟନ୍ତି । ଆପଣ ଯଦି ପ୍ରସ୍ତୁତ ନୁହନ୍ତି, ଆପଣ ଶେଷ ଦଶା ଅନନ୍ତ ଶାସ୍ତି । ଆପଣ ଯଦି ପ୍ରସ୍ତୁତ ଅଟନ୍ତି, ଆନନ୍ଦ, ଶାନ୍ତି, ପ୍ରେମ ଓ ଅନନ୍ତ ଜୀବନର ସହଭାଗୀ ହେବେ ।

ଆମ୍ଭମାନଙ୍କ ଆପଣା ଆପଣା ମହାପ୍ରୟାଣ ନିମନ୍ତେ ସଦା ପ୍ରସ୍ତୁତ ରହୁ । ସଦାପ୍ରଭୁଙ୍କ ଅନୁଗ୍ରହ ଆମ୍ଭମାନଙ୍କୁ ପ୍ରସ୍ତୁତ ରହିବାରେ ସାହାଯ୍ୟ କରୁ । ପ୍ରେରିତ ପାଉଲଙ୍କ ଜୀବନୀ ଶୈଳୀ ଆପଣାଉ । ତାହାଙ୍କ ଠାରେ ବିଶ୍ୱାସ ରଖି ତାହାଙ୍କ ଆଜ୍ଞାବହ ହେଉ । ମଣ୍ଡଳୀରେ ସଂଯୁକ୍ତ ହୋଇ ବିଶ୍ୱସ୍ତ ଜୀବନଯାପନ କରୁ ।

**- Wayne Barrier**

❋❋❋

## ଆଜ୍ଞାବହତା
**(Obedience)**

''...ଯେପରି ସଦାପ୍ରଭୁଙ୍କ ରବ ଶୁଣିବାରେ, ସେପରି କି ହୋମ ଓ ବଳିଦାନରେ ସଦାପ୍ରଭୁଙ୍କର ସନ୍ତୋଷ ହୁଏ ? ଦେଖ, ଶୁଣିବା ବଳିଦାନ ଠାରୁ ଓ ମନୋଯୋଗୀ ହେବା ମେଷ ମେଦ ଠାରୁ ଉତ୍ତମ ।'' (୧ମ ଶାମୁୟେଲ ୧୫:୨୨)

ରାଜା ଶାଉଲ ସଦାପ୍ରଭୁଙ୍କ ଆଜ୍ଞାଲଂଘନ କରିବା ପରେ ଶାମୁୟେଲ ତାହାଙ୍କୁ ଏହି ବାକ୍ୟ କହିଥିଲେ । ତାହାଙ୍କ ବାକ୍ୟ ପାଳନ ପ୍ରତିବଦଳେ ସଦାପ୍ରଭୁଙ୍କୁ ଅନ୍ୟ କୌଣସି କର୍ମ ଗ୍ରାହ୍ୟ ନୁହେଁ । ହୋମ ଓ ବଳିଦାନ ମଧ୍ୟ ନୁହେଁ । ସଦାପ୍ରଭୁଙ୍କ ବାକ୍ୟ ପାଳନ ନ କରିବା, ତାହାଙ୍କ ବିଦ୍ରୋହକରଣ କରିବା ସମାନ । ଶାଉଲ ଆଜ୍ଞାଲଂଘନ ହେତୁ, ସଦାପ୍ରଭୁ ତାହାଙ୍କୁ ତୁଚ୍ଛ କରିଥିଲେ । ସଦାପ୍ରଭୁ ତାହାଙ୍କ ଆଜ୍ଞାପାଳନରେ ତ୍ରୁଟି ସହ୍ୟ କରନ୍ତି ନାହିଁ, ବରଂ କଠିନ ଶିକ୍ଷା ଦିଅନ୍ତି । ଏ ବିଷୟ ପ୍ରତ୍ୟେକ ବ୍ୟକ୍ତି ମନେ ରଖିବା ଉଚିତ । ଆଜ୍ଞାବହତା ବିନୁ ଗତ ପାପରୁ ମୁକ୍ତ ହୋଇ ନୂତନ ଜୀବନରେ ପ୍ରବେଶ କରିପାରିବା ନାହିଁ । କିଅବା ଖ୍ରୀଷ୍ଟ ଅଭିଳାଷନୁଯାୟୀ ଖ୍ରୀଷ୍ଟିୟ ଜଗତରେ

ଏକତା, ଯାହା କି ପ୍ରେରିତମାନଙ୍କ ମଧ୍ୟରେ ଥିଲା, ତାହା ଲବ୍ଧ ହୋଇ ନ ପାରେ । (ଯୋହନ ୧୪:୨୦,୨୧) (୧ମ କରିନ୍ଥି ୧:୧୦ ଓ ଏଫିସୀ ୪:୧-୬) ଈଶ୍ୱରଙ୍କ ବାକ୍ୟ ବିଷୟରେ ସାଧାରଣ ମନୋଭାବ :- ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବିଷୟରେ ଦୁଇଟି ମନୋଭାବ (୧) ସଦାପ୍ରଭୁଙ୍କ ଆଜ୍ଞା ଆଂଶିକ ଭାବେ ପାଳନ କଲେ ଯଥେଷ୍ଟ, ସଦାପ୍ରଭୁ ସମ୍ପୂର୍ଣ୍ଣ ଆଜ୍ଞାବହତା ଲୋଡ଼ନ୍ତି ନାହିଁ ବୋଲି ଅନେକଙ୍କ ମତଭାବ । (୨) ଦ୍ୱିତୀୟ ମନୋଭାବ ହେଲା :- ସଦହୃଦୟରେ ଯାହା କଲେ ବି ସଦାପ୍ରଭୁଙ୍କ ଗ୍ରାହ୍ୟ ଯୋଗ୍ୟ । ଏହି ମତଭାବ ସତ୍ୟ ହେଲେ, ସମସ୍ତେ ଧାର୍ମିକ ପ୍ରଥା ଓ ଭ୍ରାନ୍ତ ଶିକ୍ଷା ମଧ୍ୟ ଗ୍ରାହ୍ୟ ଯୋଗ୍ୟ । ତେବେ ଆଉ ଅନାଜ୍ଞାବହତାର ସ୍ଥାନ ନାହିଁ । ଏହାସତ୍ୟ ହେଲେ, ନୂତନ ନିୟମରେ କାହିଁକି ଭ୍ରାନ୍ତ ଶିକ୍ଷା ବିରୁଦ୍ଧରେ ଲେଖାଯାଇଅଛି? (ମାଥିଉ ୭:୧୫; ୧ମ ଯୋହନ୪:୬) ଅସତ୍ୟକୁ ବିଶ୍ୱାସ କରିବା ଦ୍ୱାରା, ତାହା କି ସତ୍ୟ ହୋଇପାରେ ? ବିଷ କି ଅମୃତ ହୋଇପାରେ ? ଯେଉଁମାନେ ଏହି ମତବାଦରେ ବିଶ୍ୱାସ କରୁଅଛନ୍ତି, ଆପଣାକୁ ପ୍ରବଞ୍ଚନା କରୁଅଛନ୍ତି । (ହିତ ୧୪:୧୨)

ସଦାପ୍ରଭୁ ତାହାଙ୍କ ଆଜ୍ଞାର ଯଥାଯଥ ପାଳନ ଇଚ୍ଛା କରନ୍ତି । ଏହା ଯଦି ସତ୍ୟ ହୋଇ ନ ଥାନ୍ତା, ସେ କାହିଁକି ତାହାଙ୍କ ଆଜ୍ଞାରେ ଥରହର ହେବାକୁ କହନ୍ତେ ? (ଯିଶାଇୟ ୬୬:୨), କିଅବା ତାହାଙ୍କ ବାକ୍ୟରେ କୌଣସି ବିଷୟ ଯୋଗ କରିବାରେ ବା ବିୟୋଗ କରିବାରେ ବାରଣ ନ କରନ୍ତେ । (ଦ୍ୱି.ବି. ୪:୨, ହିତ ୩୦:୬, ପ୍ରକାଶିତ ବାକ୍ୟ ୨୨:୧୮,୧୯) ସେ କାହିଁକି ଆଦମ ଓ ହବାଙ୍କ ଆଜ୍ଞାଲଂଘନ ହେତୁ ଦଣ୍ଡ ଦେଇଥିଲେ ? (ଆଦି ୩), ଉଜିୟ ସାକ୍ଷ୍ୟ ସିନ୍ଦୁକ ସ୍ପର୍ଶ କରିବାରୁ ଆଘାତ କରିଥିଲେ (୨ ଶାମୁୟେଲ ୬), ମୋଶାଙ୍କ ଆଜ୍ଞା ଲଂଘନରେ ଅସନ୍ତୁଷ୍ଟ ହେଲେ (ଗଣନା ୨୦) । ଏହିସବୁ ଅନାଜ୍ଞାବହତାର ଦୃଷ୍ଟାନ୍ତ ଆମ୍ଭମାନଙ୍କ ନିମନ୍ତେ ଲିଖିତ ହୋଇଅଛି, ଯେପରି ଆମ୍ଭେମାନେ ତାହାଙ୍କ ଆଜ୍ଞା ଯଥାଯଥ ଭାବେ ପାଳନ କରୁ । (ରୋମୀୟ ୧୫:୪, ୧ମ କରିନ୍ଥୀ ୧୦:୬,୧. ଏବ୍ରୀ ୪:୧୧) । ଉପରୋକ୍ତ ଦୃଷ୍ଟାନ୍ତଗୁଡ଼ିକ ବିଶ୍ଳେଷଣ କରିବା ଦ୍ୱାରା, ସଦାପ୍ରଭୁ ତାହାଙ୍କ ବାକ୍ୟ ପାଳନ ନ କରିବା ଦ୍ୱାରା କିପରି ଦଣ୍ଡ ଦେଇଥିଲେ ଜାଣିପାରୁ ।

**ମନୁଷ୍ୟମାନଙ୍କ ପ୍ରତି ସଦାପ୍ରଭୁଙ୍କ ଅନନ୍ତ ସୂତ୍ର :** ପ୍ରତ୍ୟେକ ଯୁଗରେ ସଦାପ୍ରଭୁ ମନୁଷ୍ୟମାନଙ୍କ ସହିତ ତିନୋଟି ସୂତ୍ରରେ କାର୍ଯ୍ୟ କରୁଅଛନ୍ତି : ଅନୁଗ୍ରହ,



ବିଶ୍ୱାସ ଓ ଆଜ୍ଞାବହତା । ଉଦାହରଣ ସ୍ୱରୂପ :- ସଦାପ୍ରଭୁ ଆପଣା ଅନୁଗ୍ରହ ସହ ଆପଣା ସଦୃଶ୍ୟରେ ଆଦମ ଓ ହବାଙ୍କୁ ସୃଷ୍ଟି କରି (ଆଦି ୧:୨୭), ଏଦନ ଉଦ୍ୟାନରେ ରଖିଲେ (ଆଦି ୨:୮) ଏବଂ ସେମାନଙ୍କୁ ଏକ ଆଜ୍ଞା ଦେଇଥିଲେ । (ଆଦି ୨:୧୬,୧୭) ତାହାଙ୍କ ଆଜ୍ଞା ପାଳନ କରିବ ପର୍ଯ୍ୟନ୍ତ ସେମାନେ ସୁରକ୍ଷିତ ଭାବେ ଥିଲେ । ବିଶ୍ୱାସ ଓ ଆଜ୍ଞାବହତା ଦ୍ୱୟ ଆବଶ୍ୟକ, କେବଳ ବିଶ୍ୱାସ ବ୍ୟର୍ଥ । କିନ୍ତୁ ସେମାନେ ଆଜ୍ଞାପାଳନ ନ କରି ଦଣ୍ଡିତ ହେଲେ । କୁଳପତିମାନଙ୍କ ମଧ୍ୟରେ ନୋହ (ଆଦି ୬:୮;ଏବ୍ରୀ ୧୧:୭; ଆଦି ୮:୨୨) ଏବଂ ଅବ୍ରାହମ (ଆଦି ୨୨:୧-୧୪, ଏବ୍ରୀ ୧୧:୧୭-୧୯) ଆଜ୍ଞାବହ ହୋଇ ସଦାପ୍ରଭୁଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ ।

ଈଶ୍ରାଏଲ ସନ୍ତାନମାନଙ୍କ କ୍ରନ୍ଦନ ଶ୍ରବଣ କରି, ମିସର ଦେଶର ଦାସତ୍ୱରୁ ମୁକ୍ତ କରିବା ନିମନ୍ତେ ସଦାପ୍ରଭୁ ମୋଶାଙ୍କୁ ପ୍ରେରଣ କରିଥିଲେ । ସେମାନଙ୍କୁ ମୁକ୍ତ କରିବା ନିମନ୍ତେ ସଦାପ୍ରଭୁ ମିସର ଦେଶକୁ ବିଭିନ୍ନ ମାନେ ପୀଡ଼ିତ କରିଥିଲେ । ତାହାଙ୍କ ଏ ସମସ୍ତ କାର୍ଯ୍ୟ ଅନୁଗ୍ରହ ପୂର୍ଣ୍ଣ ଥିଲା । ମୋଶା ଓ ଈଶ୍ରାଏଲ ସନ୍ତାନମାନଙ୍କ ଆଜ୍ଞାବହତା ଆବଶ୍ୟକ ଥିଲା । ସେମାନେ ବିଶ୍ୱାସ କରିବା କ୍ଷଣ ମାତ୍ର ଏହା ସମ୍ଭବପର ହୋଇ ନଥିଲା । କିନ୍ତୁ ସେମାନେ ସମ୍ପୂର୍ଣ୍ଣ ଭାବେ ଆଜ୍ଞାବହ ହେବା ଦ୍ୱାରା ସମୁଦ୍ର (Red Sea) ର ଜଳ ଦୁଇଭାଗ ହେଲା ଓ ସେମାନେ ଶୁଷ୍କ ପଥରେ ଗମନ କଲେ । ''ଏହି ପ୍ରକାରେ ସେହିଦିନ ସଦାପ୍ରଭୁ ମିସ୍ରୀୟମାନଙ୍କ ହସ୍ତରୁ ଈଶ୍ରାଏଲଙ୍କୁ ରକ୍ଷା କଲେ...'' (ଯାତ୍ରା ୧୪:୩୦) । ଈଶ୍ରାଏଲମାନେ ବିଶ୍ୱାସ କରିବାର ପ୍ରାରମ୍ଭ ବେଳାରେ ଅର୍ଥାତ୍ ମିସର ଦେଶରେ କିଅବା ମିସରୀୟ ପ୍ରଥମ ଜାତମାନଙ୍କ ସଂହାର ସମୟରେ ରକ୍ଷା ପାଇ ନ ଥିଲେ । କିନ୍ତୁ ସମ୍ପୂର୍ଣ୍ଣ ବିଶ୍ୱାସ କରିବା ପରେ ରକ୍ଷା ପାଇଥିଲେ । ଈଶ୍ରାଏଲମାନେ ସମୁଦ୍ର ପାର ହୋଇ ପ୍ରତିଜ୍ଞାତ ଦେଶରେ ପଦକ୍ଷେପ କରିବା ସଦୃଶ୍ୟ, ଆମ୍ଭେମାନେ ଜଳରେ ବାପ୍ତିଜିତ (ଡୁବିତ) ହୋଇ ନୂତନ ଜୀବନରେ ପ୍ରବେଶ କରିଥାଉ । ନାମନଙ୍କ ଯର୍ଦ୍ଦନ ନଦୀରେ ସାତଥର ବୁଡ଼ି ସୁସ୍ଥ ହେବା ମଧ୍ୟ ବାପ୍ତିସ୍ମର ସମ ଅଟେ ।

**- W. Douglass Harris**

❋❋❋

**Edited & Published by : Kabita & Joshua Gootam**